# NATIONAL NEWS BULLETIN (ODIA)
## 3 September - 2024
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ବ୍ରୁନେଇ ଏବଂ ସିଙ୍ଗାପୁର ଗସ୍ତର ପ୍ରଥମ ପର୍ଯ୍ୟାୟରେ ବ୍ରୁନେଇର ବନ୍ଦର ସେରି ବେଗଓ୍ୱାନ୍‌ରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ତ୍ରିପୁରାରେ ଶାନ୍ତି ଏବଂ ସମୃଦ୍ଧି ଲକ୍ଷ୍ୟରେ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ ସ୍ୱାକ୍ଷରିତ ହେବ ତିନୋଟି ବୁଝାମଣାପତ୍ର ।
- ସୁରକ୍ଷା ବାହିନୀ ସହ ଗୁଳି ବିନିମୟରେ ଛତିଶଗଡ଼ରେ ୯ ଜଣ ମାଓବାଦୀଙ୍କର ମୃତ୍ୟୁ ।
- ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନରେ ସରକାରୀ କର୍ମଚାରୀଙ୍କ ପାଇଁ ଆସନ୍ତାକାଲି ଠାରୁ ଆରମ୍ଭ ହେବ ପୋଷ୍ଟାଲ ବାଲଟ ମତଦାନ ।

ଏବଂ

- ପାରା ଅଲିମ୍ପିକ୍ସ ପ୍ରତିଯୋଗିତାର ପୁରୁଷ ହାଇଜମ୍ପ, ଜାଭ୍‌ଲିନ୍ ଥ୍ରୋ ଏବଂ ୪୦୦ ମିଟର ଟି-ଟ୍ୱେଣ୍ଟି ମହିଳା ଫାଇନାଲ୍ ପ୍ରତିଯୋଗିତାରେ ଭାଗ୍ୟ ପରୀକ୍ଷା କରିବେ ଭାରତୀୟ ପ୍ରତିଯୋଗି ।

# ପ୍ରଧାନମନ୍ତ୍ରୀ-ବିଦେଶ ଗସ୍ତ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବ୍ରୁନେଇ ଗସ୍ତରେ ଯାଇ ଆଜି ଅପରାହ୍ଣରେ ବନ୍ଦର ସେରି ବେଗଓ୍ବାନ୍‌ରେ ପହଞ୍ଚିଛନ୍ତି । ସେଠାରେ ବ୍ରୁନେଇ ରାଜକୁମାର ହାଜି ଅଲ୍-ମୁହତାଦି ବିଲ୍ଲହା ଏବଂ ମନ୍ତ୍ରିମଣ୍ଡଳର ବରିଷ୍ଠ ସଦସ୍ୟ ଶ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ । ବ୍ରୁନେଇକୁ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ହେଉଛି ପ୍ରଥମ ଦ୍ୱିପାକ୍ଷିକ ଗସ୍ତ । ଭାରତ ଏବଂ ବ୍ରୁନେଇ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୪୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଗସ୍ତରେ ଯାଇଛନ୍ତି ।  ସେରି ବେଗଓ୍ବାନ୍ ଠାରେ ଭାରତୀୟ ଉଚ୍ଚାୟୁକ୍ତଙ୍କ ନୂତନ କାର୍ଯ୍ୟାଳୟକୁ ଆଜି ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି । ଭାରତୀୟ ସମୁଦାୟଙ୍କ ପକ୍ଷରୁ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଛି । ବ୍ରୁନେଇ ଭାରତର ଆକ୍ଟଇଷ୍ଟ ନୀତି ଏବଂ ଇଣ୍ଡୋ ପ୍ୟାସିଫିକ୍ ଭିଜନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶିଦାର ରାଷ୍ଟ୍ର । ଦୁଇ ଦେଶ ମଧ୍ୟରେ ବିଭିନ୍ନ ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ସମ୍ପର୍କ ରହିଛି ।

ଏହି ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀ ମୋଦୀ ଆସନ୍ତାକାଲି ବ୍ରୁନେଇରୁ ସିଙ୍ଗାପୁର ଯିବେ। ଦୁଇ ଦେଶ ବ୍ରୁନେଇ ଏବଂ ସିଙ୍ଗାପୁର ଗସ୍ତରେ ଯିବାର ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି, ସେ ସିଙ୍ଗାପୁର ଠାରେ ରାଷ୍ଟ୍ରପତି ଥର୍ମାନ ଶାନ ମୁଗାରତ୍ନମ୍, ପ୍ରଧାନମନ୍ତ୍ରୀ ଲରେନ୍ସ ଓ୍ବାଙ୍ଗ ଓ ବରିଷ୍ଠ ମନ୍ତ୍ରୀ ଲି’ ସିଏନ୍ ଲୁଙ୍ଗ୍‌ଙ୍କୁ ସାକ୍ଷାତ କରିବେ। ଏହି

ଗସ୍ତ ଅବସରରେ ସେ ସିଙ୍ଗାପୁରର ବ୍ୟବସାୟୀ ସମୁଦାୟ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ କହିଛନ୍ତି, ସିଙ୍ଗାପୁର ସହିତ ରଣନୈତିକ ଭାଗିଦାରୀକୁ ଆହୁରି ନିବିଡ଼ କରିବା ପାଇଁ ସେ ସେଠାକାର ନେତୃବୃନ୍ଦଙ୍କ ସହ ଆଲୋଚନା କରିବେ ।

## ସ୍ୱରାଷ୍ଟ୍ରମନ୍ତ୍ରୀ-ତ୍ରିପୁରା

ଦେଶର ଉତ୍ତର-ପୂର୍ବାଞ୍ଚଳରେ ଶାନ୍ତି ଏବଂ ସମୃଦ୍ଧି ଆଣିବା ଲକ୍ଷ୍ୟରେ ଆସନ୍ତାକାଲି ନୂଆଦିଲ୍ଲୀ ଠାରେ କେତୋଟି ବୁଝାମଣାପତ୍ର ସ୍ୱାକ୍ଷରିତ ହେବ । ତ୍ରିପୁରା ସରକାର, ନ୍ୟାସନାଲ୍ ଲିବରେସନ୍ ଫ୍ରଣ୍ଟ ଅଫ୍ ତ୍ରିପୁରା ଏବଂ ଅଲ୍ ତ୍ରିପୁରା ଟାଇଗର୍ ଫୋର୍ସ୍ ଏ.ଟି.ଟି.ଏଫ୍. ସହ କେନ୍ଦ୍ର ସରକାର ତିନୋଟି ବୁଝାମଣାପତ୍ର ସ୍ୱାକ୍ଷର କରିବେ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଏବଂ ତ୍ରିପୁରା ମୁଖ୍ୟମନ୍ତ୍ରୀ ମାଣିକ୍ ଶାହାଙ୍କ ସମେତ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ତ୍ରିପୁରା ସରକାରଙ୍କ ବରିଷ୍ଠ ଅଧିକାରୀ ଏହି ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଉପସ୍ଥିତ ରହିବେ । ଉତ୍ତର ପୂର୍ବାଞ୍ଚଳରେ ଉଗ୍ରବାଦ, ହିଂସାକୁ ପ୍ରତିହତ କରିବା ସହ ଏକ ସଂଘର୍ଷମୁକ୍ତ ଅଞ୍ଚଳ ଗଠନ ପାଇଁ ଏହି ବୁଝାମଣାପତ୍ର ବିଶେଷ ସହାୟକ ହେବ ବୋଲି ଜଣାପଡ଼ିଛି । କେନ୍ଦ୍ର ସରକାର ସେହିସବୁ ଅଞ୍ଚଳରେ ଶାନ୍ତି ଓ ସମୃଦ୍ଧି ଆଣିବା ଲକ୍ଷ୍ୟରେ ୧୨ଟି ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର ପାଇଁ ପଦକ୍ଷେପ ନେଇଛନ୍ତି । ସେଥିମଧ୍ୟରୁ ତ୍ରିପୁରାର ଏହି ତିନୋଟି ଚୁକ୍ତି ଅନ୍ତର୍ଭୁକ୍ତ । ଏହି ବୁଝାମଣାପତ୍ର ଦ୍ୱାରା

ତ୍ରିପୁରାର ପାଖାପାଖି ୧୦ ହଜାର ଲୋକ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ମୁଖ୍ୟ ସ୍ରୋତରେ ସାମିଲ ହୋଇଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି ।

## ପ୍ରତିରକ୍ଷା ପ୍ରସ୍ତୁତି-ପୁଞ୍ଜିନିବେଶ ମଞ୍ଜୁରୀ

ଦେଶରେ ପ୍ରତିରକ୍ଷା କ୍ଷେତ୍ରକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ସରକାର ୧ଲକ୍ଷ ୪୫ ହଜାର କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ  ସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ଡି.ଏ.ସି. ୧୦ଟି ପୁଞ୍ଜି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି । ଯୁଦ୍ଧଯାନ ପ୍ରସ୍ତୁତି ସହ ଅନ୍ୟାନ୍ୟ ପ୍ରତିରକ୍ଷା ସାମଗ୍ରୀ କ୍ରୟକୁ ପରିଷଦ ଅନୁମୋଦନ କରିଛି ।

## ମୁରୁଗାନ-ଉପରାଷ୍ଟ୍ରପତି

ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ୍ ନୂଆଦିଲ୍ଲୀ ଠାରେ ଆଜି ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି । ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ତାମିଲ ଶିକ୍ଷା ଉନ୍ନତି ସମ୍ପର୍କରେ  ସେ ଉପରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛନ୍ତି । ତାମିଲ ଭାଷା ଏବଂ ସାହିତ୍ୟ ପାଇଁ ଏକ ନୂତନ ବିଭାଗ ଓ ଗବେଷଣା କେନ୍ଦ୍ର ସ୍ଥାପନ କରିବାକୁ ଡକ୍ଟର ମୁରୁଗାନ୍ ଉପରାଷ୍ଟ୍ରପତିଙ୍କୁ କହିଛନ୍ତି ।

## ଉତ୍ତରପ୍ରଦେଶ-ସଶସ୍ତ୍ର ବାହିନୀ ସମାରୋହ

ଭାରତୀୟ ସଶସ୍ତ୍ର ବାହିନୀ ବିଶ୍ୱସ୍ତରରେ ଅତୁଳନୀୟ ବୋଲି ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି । ଲକ୍ଷ୍ନୌ କ୍ୟାଣ୍ଟେନ୍‌ମେଣ୍ଟର ସୂର୍ଯ୍ୟ ଖେଳ ପରିସରରେ ଅନୁଷ୍ଠିତ ତିନି ଦିନିଆ ସଶସ୍ତ୍ର ବାହିନୀ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ଆଦିତ୍ୟନାଥ ଏହା କହିଛନ୍ତି । ସେ କହିଛନ୍ତି, ଭାରତୀୟ ସଶସ୍ତ୍ର ବାହିନୀର ଶକ୍ତି, ଶୃଙ୍ଖଳା ଏବଂ ବୈଷୟିକ ଦକ୍ଷତାକୁ ପ୍ରତିପକ୍ଷ ମଧ୍ୟ ସ୍ୱୀକାର କରନ୍ତି । ପ୍ରତିରକ୍ଷା କ୍ଷେତ୍ରରେ ଉତ୍ତରପ୍ରଦେଶ ଦେଶରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ଆତ୍ମନିର୍ଭର ଭାରତର ଅଂଶ ଭାବରେ ବିକଶିତ ଅତ୍ୟାଧୁନିକ ସାମରିକ ଉପକରଣ ଦ୍ୱାରା ଭାରତୀୟ ସଶସ୍ତ୍ର ବାହିନୀ ସଶକ୍ତ ହୋଇପାରିଛି ବୋଲି ସେ କହିଥିଲେ । ଏହି ସମାରୋହରେ ଭାରତୀୟ ସେନାର ଟି-୯୦ ଟ୍ୟାଙ୍କ ସାମିଲ ହୋଇଥିଲା ।

## କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ-ଯାଞ୍ଚ

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ସି.ବି.ଏସ୍.ଇ. ଆଜି ରାଜସ୍ଥାନ ଏବଂ ଦିଲ୍ଲୀର ୨୭ଟି ବିଦ୍ୟାଳୟରେ ଅଚାନକ ଯାଞ୍ଚ୍ କରିଛି । ଏହି ବିଦ୍ୟାଳୟ ଗୁଡ଼ିକ ସି.ବି.ଏସ୍.ଇ. ନିୟମ ଅନୁଯାୟୀ ପରିଚାଳିତ ହେଉଛନ୍ତି କି ନାହିଁ ତା'ର ସମୀକ୍ଷା କରାଯାଇଛି । ଯାଞ୍ଚ୍‌ରୁ ମିଳିଥିବା

ତଥ୍ୟର ସମୀକ୍ଷା କରାଯାଇ ଆବଶ୍ୟକ ସ୍ଥଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସି.ବି.ଏସ୍.ଇ. ସୂଚନା ଦେଇଛି । ଅନୁବନ୍ଧିତ ବିଦ୍ୟାଳୟ ଗୁଡ଼ିକ ଶିକ୍ଷା ସମ୍ପର୍କିତ ମାନ ଏବଂ ଗୁଣବତ୍ତାକୁ ବଜାୟ ରଖିବା ଲାଗି ବିଭିନ୍ନ ସମୟରେ ଯାଞ୍ଚ୍ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରାଯିବ ବୋଲି ସି.ବି.ଏସ୍.ଇ. କହିଛି ।

## ଛତିଶଗଡ଼-ଗୁଳିବିନିମୟ

ଛତିଶଗଡ଼ରେ ସୁରକ୍ଷା ବାହିନୀ ସହ ଗୁଳିବିନିମୟରେ ଆଜି ୯ ଜଣ ମାଓବାଦୀଙ୍କର ମୃତ୍ୟୁ ହୋଇଛି । ବସ୍ତର ଡିଭିଜନ୍‌ର ଦନ୍ତେୱାଡ଼ା ଏବଂ ବିଜାପୁର ଜିଲ୍ଲାର ସୀମାନ୍ତ ଅଞ୍ଚଳରେ ଏହି ଗୁଳି ବିନିମୟ ଘଟିଥିଲା । ସେହି ଅଞ୍ଚଳରେ ବହୁ ସଂଖ୍ୟକ ମାଓବାଦୀ ଲୁଚିଥିବା ନେଇ ଖବର ପାଇ ସୁରକ୍ଷା ବାହିନୀ ପକ୍ଷରୁ ସର୍ଚ୍ଚ ଅପରେସନ୍ କରାଯାଇଥିଲା । ସି.ଆର୍.ପି.ଏଫ୍., ଡି.ଆର୍.ଜି. ମିଳିତ ଭାବେ ଏହି ସର୍ଚ୍ଚ ଅପରେସନ୍ କରିଥିଲେ । ସର୍ଚ୍ଚ ଅପରେସନ୍ ବେଳେ ବୈଲାଡିଲା ପାହାଡ଼ ନିକଟରେ ମାଓବାଦୀଙ୍କ ସହ ସୁରକ୍ଷା ବାହିନୀର ଗୁଳି ବିନିମୟ ଘଟିଥିଲା । ଘଟଣା ସ୍ଥଳରୁ ନିହତ ହୋଇଥିବା ୯ ଜଣ ମାଓବାଦୀଙ୍କର ମୃତ ଦେହକୁ ଉଦ୍ଧାର କରାଯାଇଛି । ସେଠାରୁ ବହୁ ଅସ୍ତ୍ରଶସ୍ତ୍ର ମଧ୍ୟ ଜବତ ହୋଇଥିବା ଜଣାପଡ଼ିଛି ।

# କଙ୍ଗୋ-ଜେଲ୍ ଅନ୍ତେବାସୀ ମୃତ୍ୟୁ

ଡେମୋକ୍ରାଟିକ୍ ରିପବ୍ଲିକ୍ ଅଫ୍ କଙ୍ଗୋର ରାଜଧାନୀରେ ଥିବା ମାକାଲା ସେଣ୍ଟ୍ରାଲ୍ ଜେଲ୍‌ର ୧୨୯ ଜଣ ଅନ୍ତେବାସୀଙ୍କର ମୃତ୍ୟୁ ହୋଇଛି । ୫୯ ଜଣ ଆହତ ହୋଇଛନ୍ତି । କଙ୍ଗୋର ଆଭ୍ୟନ୍ତରୀଣ ମନ୍ତ୍ରୀ ସାବାନି ଲୁକୁ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, କେନ୍ଦ୍ରୀୟ ଜେଲ୍‌ରୁ କଏଦୀମାନେ ଗତକାଲି ଭୋର୍ ସମୟରେ ଜେଲ୍ ଭାଙ୍ଗି ଖସି ପଳାଇବାକୁ ଚେଷ୍ଟା କରିଥିଲେ । ସେମାନଙ୍କୁ ଚେତାବନୀ ଦିଆଯିବା ସତ୍ତ୍ୱେ କର୍ଣ୍ଣପାତ ନ କରିବାରୁ ଗୁଳି ଚାଳନା କରାଯାଇଥିଲା ବୋଲି ଶ୍ରୀ ନୁକୁ କହିଛନ୍ତି । ଜେଲ ଭଙ୍ଗା ଉଦ୍ୟମ ବେଳେ କଏଦୀମାନେ ପ୍ରଶାସନିକ କୋଠା, ଖାଦ୍ୟ ଡିପୋ ଆଦିରେ ନିଆଁ ଲଗାଇ ଦେଇଥିଲେ ।

ସୂଚନା ଯୋଗ୍ୟ ଦେଢ଼ ହଜାର କଏଦୀଙ୍କ କ୍ଷମତା ବିଶିଷ୍ଟ ଏହି ଜେଲ୍‌ରେ ୧୨ହଜାରରୁ ଅଧିକ କଏଦୀ ରହୁଥିଲେ ।

# ଶ୍ରୀଲଙ୍କା ରାଷ୍ଟ୍ରପତି ନିର୍ବାଚନ

ଶ୍ରୀଲଙ୍କାରେ ରାଷ୍ଟ୍ରପତି ନିର୍ବାଚନର ପ୍ରଥମ ପର୍ଯ୍ୟାୟ ପାଇଁ ପ୍ରସ୍ତୁତି ଜୋର୍ ଧରିଛି । ୭ଲକ୍ଷରୁ ଅଧିକ ସରକାରୀ କର୍ମଚାରୀଙ୍କ ପାଇଁ ପୋଷ୍ଟାଲ୍ ବାଲଟ୍ ମତଦାନ ଚଳିତ ସପ୍ତାହରେ ଅନୁଷ୍ଠିତ ହେବ । ଆସନ୍ତାକାଲି ଠାରୁ

ଏହା ଆରମ୍ଭ ହେଉଛି । ଏହି ନିର୍ବାଚନରେ ୩୮ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି । ଆସନ୍ତା ମାସ ୨୧ ତାରିଖରେ ରାଷ୍ଟ୍ରପତି ନିର୍ବାଚନ ଅନୁଷ୍ଠିତ ହେବ । ସେଠାକାର ନିର୍ବାଚନ ଆୟୋଗଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଜିଲ୍ଲା ସଚିବାଳୟ ଏବଂ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟରେ ଆସନ୍ତାକାଲି ପୋଷ୍ଟାଲ୍ ବାଲାଟ୍ ମାଧ୍ୟମରେ ଭୋଟ୍ ଦେଇପାରିବେ । ନିର୍ବାଚନ ପ୍ରଚାରରେ ଦୁର୍ନୀତି ଏକ ପ୍ରମୁଖ ପ୍ରସଙ୍ଗ ଭାବେ ସ୍ଥାନ ପାଇଛି । ଆସନ୍ତାକାଲି, ୫ ତାରିଖ ଓ ୬ ତାରିଖରେ ପୋଷ୍ଟାଲ୍ ବାଲାଟ୍ ପାଇଁ ଦିନ ଧାର୍ଯ୍ୟ ହୋଇଛି । ତେବେ ଏଥିରେ ଭୋଟ୍ ଦେଇପାରି ନଥିବା ସରକାରୀ କର୍ମଚାରୀ ଆସନ୍ତା ମାସ ୧୧ ଏବଂ ୧୨ ତାରିଖରେ ପୋଷ୍ଟାଲ ମତଦାନ କରିପାରିବେ ବୋଲି ସେଠାକାର ନିର୍ବାଚନ ଆୟୋଗ ସୂଚନା ଦେଇଛି ।

## ଉତ୍ତରପ୍ରଦେଶ-ଗଧିଆ ଆକ୍ରମଣ

ଉତ୍ତରପ୍ରଦେଶ ସରକାର ଗଧିଆ ଆକ୍ରମଣ ଜନିତ ରାଜ୍ୟର ସମ୍ବେଦନଶୀଳ ଅଞ୍ଚଳ ଗୁଡ଼ିକରେ ବନ ବିଭାଗର ଅତିରିକ୍ତ କର୍ମଚାରୀଙ୍କୁ ନିୟୋଜିତ କରିଛନ୍ତି । ରାଜ୍ୟର ବିଭିନ୍ନ ଅଞ୍ଚଳରେ ଗଧିଆ ଶିଶୁଙ୍କୁ ଆକ୍ରମଣ କରିଥିବାର ଖବର ପରିପ୍ରେକ୍ଷୀରେ ସରକାର ଏହି ପଦକ୍ଷେପ ନେଇଛନ୍ତି । ପ୍ରଭାବିତ ଅଞ୍ଚଳରେ କୁମ୍ବିଂ ଅପରେସନ୍‌ରେ ଅତି କମ୍‌ରେ ୧୦ଟି ଦଳକୁ ନିୟୋଜିତ କରାଯାଇଛି । ରାଜ୍ୟର ଜଙ୍ଗଲ ମନ୍ତ୍ରୀ ପିଲ୍‌ଭିତ୍ ଏବଂ ଲକ୍ଷ୍ମୀପୁର ଖେରିର ପ୍ରଭାବିତ ଅଞ୍ଚଳ ଆଜି ପରିଦର୍ଶନ କରିଛନ୍ତି ।

ଅନ୍ୟ ପକ୍ଷରେ ବହରାଇଚ୍ ଏବଂ ବାରବାଙ୍କି ଜିଲ୍ଲାରେ ଦୁଇଟି ପୃଥକ ପୃଥକ ଘଟଣାରେ  ଦୁଇ ଜଣ ଶିଶୁଙ୍କୁ ଗଧିଆ ଆକ୍ରମଣ କରିଥିବା ଜଣାପଡ଼ିଛି । ରାମପୁର ଜିଲ୍ଲାରେ ବନବିଭାଗ ଗୋଟିଏ ଗଧିଆକୁ ଧରିଥିଲା ।

## ଝାଡ଼ଖଣ୍ଡ-ଅନୁକମ୍ପା ମୂଳକ ସହାୟତା

ଝାଡ଼ଖଣ୍ଡରେ ଅବକାରୀ କନେଷ୍ଟବଲ ପଦବୀ ପୂରଣ ପାଇଁ ଅନୁଷ୍ଠିତ ଶାରିରୀକ ପରୀକ୍ଷାରେ ମୃତ୍ୟୁ ବରଣ କରିଥିବା ପ୍ରତିଯୋଗୀଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ବିଜେପି ରାଜ୍ୟ ଶାଖା ପକ୍ଷରୁ ୧ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ରାଶି ଘୋଷଣା କରାଯାଇଛି । ଝାଡ଼ଖଣ୍ଡ ବିଜେପି ବିଧାନସଭା ନିର୍ବାଚନ ସହପ୍ରଭାରୀ ତଥା ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି, ପରୀକ୍ଷାର୍ଥୀଙ୍କ ମୃତ୍ୟୁର ତଦନ୍ତ ପାଇଁ ବିଜେପି ଜାତୀୟ ମାନବାଧିକାର ଆୟୋଗଙ୍କୁ ଅନୁରୋଧ କରିବ । ପ୍ରାଣ ହରାଇଥିବା ପରୀକ୍ଷାର୍ଥୀଙ୍କ ନିକଟ ସମ୍ପର୍କୀୟଙ୍କ ଲାଗି ୫୦ଲକ୍ଷ ଟଙ୍କା ଏବଂ ପରିବାରର ଜଣେ ସଦସ୍ୟଙ୍କୁ ଚାକିରି ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଶର୍ମା ଝାଡ଼ଖଣ୍ଡ ସରକାରଙ୍କ ଠାରେ ଦାବି କରିଛନ୍ତି । ସୂଚନା ଯୋଗ୍ୟ ଚଳିତ ବର୍ଷ ଝାଡ଼ଖଣ୍ଡରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି ।

# ପାରା ଅଲିମ୍ପିକ୍ସ

ପାରା ଅଲିମ୍ପିକ୍ସ ୨୦୨୪ ପ୍ରତିଯୋଗିତାର ଷଷ୍ଠ ଦିନରେ ବନ୍ଧୁକ ଚାଳନା, ତୀର ଚାଳନା ଏବଂ ଦୌଡ଼କୁଦ ପ୍ରତିଯୋଗିତାର ବିଭିନ୍ନ ବର୍ଗରେ ଭାରତୀୟ ପ୍ରତିଯୋଗିଙ୍କର ପଦକ ଆଶା ରହିଛି । **SH-1** ଥ୍ରୀ ପୋଜିସନ୍ ମହିଳା ୫୦ ମିଟର୍ ବନ୍ଧୁକ ଚାଳନା ପ୍ରତିଯୋଗିତାର ଫାଇନାଲ୍ ପର୍ଯ୍ୟାୟକୁ ମୋନା ଅଗ୍ରୱାଲ ଏବଂ ଅବନି ଲେଖରା ଉନ୍ନିତ ହୋଇଛନ୍ତି । ସେହିଭଳି ମହିଳା ତୀର ଚାଳନା ପ୍ରତିଯୋଗିତାରେ ଭାରତୀୟ ଖେଳାଳି ପୂଜା ରିକର୍ଭ ଇଭେଣ୍ଟ୍‌ରେ ଭାଗ ନେବେ । ୪୦୦ ମିଟର ଟି-ଟ୍ୱେଣ୍ଟି ମହିଳା ଫାଇନାଲ୍ ଇଭେଣ୍ଟ୍‌ରେ ଦିପ୍ତୀ ଜିନାଞ୍ଜି ନିଜର ଭାଗ୍ୟ ପରୀକ୍ଷା କରିବେ । **T-63** ପୁରୁଷ ହାଇଜମ୍ପ ପ୍ରତିଯୋଗିତାରେ ମରିୟାପ୍ପାନ୍ ଥାଙ୍ଗାଭାଲୁ, ଶରଦ କୁମାର ଏବଂ ଶୈଳେଶ କୁମାର ଫାଇନାଲ୍‌ରେ ଅଂଶଗ୍ରହଣ କରିବେ । ପୁରୁଷ **F-46** ଜାଭ୍‌ଲିନ୍ ଥ୍ରୋ ପ୍ରତିଯୋଗିତାରେ ଅଜିତ ସିଂହ, ରିଙ୍କୁ ଏବଂ ସୁନ୍ଦର ସିଂହ ଫାଇନାଲ୍ ପର୍ଯ୍ୟାୟରେ ଅଂଶଗ୍ରହଣ କରୁଛନ୍ତି ।

ଭାରତ ଏ ପର୍ଯ୍ୟନ୍ତ ତିନୋଟି ସ୍ୱର୍ଣ୍ଣ ସହ ୧୫ଟି ପଦକ ହାସଲ କରି ତାଲିକାର ପଞ୍ଚଦଶତମ ସ୍ଥାନରେ ରହିଛି ।